# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**30 July - 2024**

**News Editor : Tapan Kumar Maharana**

********************************

## ମୁଖ୍ୟ ସମ୍ବାଦ

- ୨୦୨୫ ଡିସେମ୍ବର ଶେଷ ସୁଦ୍ଧା ପ୍ରତି ପରିବାରକୁ ପାନୀୟ ଜଳ ଯୋଗାଣ ପହଁଞ୍ଚାଇବା ଲକ୍ଷ୍ୟ ରଖାଯାଇଛି ବୋଲି କହିଲେ, ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାୟକ
- ରାଜ୍ୟରେ ଜଙ୍ଗଲ, ଜଳ ପ୍ରବାହକୁ ବୃଦ୍ଧି ଏବଂ ମୃତ୍ତିକା କ୍ଷୟ ରୋକିବା ପାଇଁ କାର୍ଯ୍ୟକାରୀ ହୋଇଛି ଗ୍ରୀନ୍ ମହାନଦୀ ମିଶନ
- କେନ୍ଦୁଝର ଜିଲ୍ଲାରେ ପୋଖରୀରେ ବୁଡ଼ି ତିନି ଜଣ ଶିଶୁଙ୍କର ମୃତ୍ୟୁ
- ରାଜ୍ୟର କେତେକ ଜିଲ୍ଲାରେ ଦେଖା ଦେଇଛି ହଇଜାର ପ୍ରାଦୁର୍ଭାବ

– ଚିକିତ୍ସାଧୀନ ଅବସ୍ଥାରେ କୋରାପୁଟରେ ଜଣଙ୍କର ମୃତ୍ୟୁ

ଏବଂ

- ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ

# ବିଧାନସଭା-୧

ଓଡ଼ିଶା ବିଧାନସଭା ବଜେଟ୍ ଅଧିବେଶନର ଆଜି ସପ୍ତମ କାର୍ଯ୍ୟ ଦିବସରେ ଗୃହକାର୍ଯ୍ୟ ଶୃଙ୍ଖଳିତ ଓ ସ୍ୱାଭାବିକ ଭାବେ ଚାଲିଛି। ପ୍ରଥମେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶୂନ୍ୟକାଳ ଏବଂ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ସରଗରମ ଆଲୋଚନା ହୋଇଛି।

୨୦୨୫ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ପ୍ରତି ପରିବାରକୁ ପାନୀୟ ଜଳଯୋଗାଣ ସୁବିଧା ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି ବୋଲି ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି। ସଦସ୍ୟ ମନୋରଞ୍ଜନ ଝାନ ସମାନ୍ତରାଙ୍କ ମୂଳ ପ୍ରଶ୍ନ ଏବଂ ସଦସ୍ୟ ତାରାପ୍ରସାଦ ବାହିନୀପତି, ଶାରଦା ପ୍ରଧାନ, ଦୁର୍ଗା ପ୍ରସନ୍ନ ନାୟକ, ଭାସ୍କର ମଢ଼େଇ, ଦାଶରଥୀ ଗମାଙ୍ଗ, ଲକ୍ଷ୍ମଣ ବାଗ, ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରମୁଖଙ୍କ ଅନ୍ୟ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି, ବିଭିନ୍ନ କେନ୍ଦ୍ରୀୟ ଯୋଜନା ଆଧାରରେ ଚୁକ୍ତିନାମା ସମ୍ପାଦନରେ ବିଳମ୍ବ ହେବା କାରଣରୁ କାରଣରୁ କେତେକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହୋଇଛି। ତେବେ ଯଥାଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ସମସ୍ତ ପଦକ୍ଷେପ ନିଆଯାଇଛି। ଏହି ପ୍ରଶ୍ନ ଉପରେ ଗୃହରେ ଆଲୋଚନା ଚାଲିଥିବା ବେଳେ ବାଚସ୍ପତି ସୁରମା ପାଢ଼ି ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମକୁ ନିୟମିତ ତଦାରଖ

କରିବା ସହିତ ପାନୀୟ ଜଳ ଉପଲବ୍ଧ ହୋଇ ପାରି ନ ଥିବା ଅଞ୍ଚଳକୁ ଏହା ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

***Assembly***

## ବିଧାନସଭା-୨

ରାଜ୍ୟରେ ଜଙ୍ଗଲ ବୃଦ୍ଧି, ମୃତ୍ତିକା ଆର୍ଦ୍ରତା ଓ ନଦୀର ଜଳ ପ୍ରବାହ ବୃଦ୍ଧି, ମୃତ୍ତିକା କ୍ଷୟ ରୋକିବା ପାଇଁ ଗ୍ରୀନ୍ ମହାନଦୀ ମିଶନ ରାଜ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି । ଏହି ଯୋଜନାରେ ମହାନଦୀ, ବ୍ରାହ୍ମଣୀ, ବଂଶଧାରା, ବୈତରଣୀ ଓ ଋଷିକୂଲ୍ୟା ନଦୀ ଓ ସେଗୁଡ଼ିକର ଶାଖା ନଦୀ ଯଥା ଇବ୍, ତେଲ ଆଦିର ଉଭୟ ପାର୍ଶ୍ୱରେ ବନୀକରଣ କରାଯାଇଛି । ରାଜ୍ୟରେ ବାତ୍ୟା, ବନ୍ୟା ଓ ସମୁଦ୍ରକୂଳ ଖାଉଥିବା ବିପଦରୁ ରକ୍ଷା କରିବା ପାଇଁ ଗତ ୩ ବର୍ଷ ମଧ୍ୟରେ ୧ ହଜାର ୨୩୪ ହେକ୍ଟର ଲୁଣା ଜଙ୍ଗଲ ଏବଂ ୨୨୬ ହେକ୍ଟର ଝାଉଜଙ୍ଗଲ ସୃଷ୍ଟି କରାଯାଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଗୃହରେ ବିଧାୟକ ପବିତ୍ର ସାଉଁଟାଙ୍କ ଏକପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ।

***Assembly***

## ବିଧାନସଭା-୩

ଗତ ୫ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିରୀକ୍ଷଣ ଓ ଚଢ଼ଉ ମାଧ୍ୟମରେ ୨୮୩ ଜଣ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରି ଉଦ୍ଧାର କରାଯାଇଛି । ଏଥିସହ ୧୫୯ଟି ସଂସ୍ଥା ବିରୁଦ୍ଧରେ ବିଭିନ୍ନ ଅଦାଲତରେ ମୋକଦ୍ଦମା

ଦାୟର କରାଯାଇଛି ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସଦସ୍ୟ ହିମାଂଶୁ ଶେଖର ସାହୁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ପ୍ରକାଶ କରିଛନ୍ତି ।

***Pool***

## ନିଟ୍-ୟୁଜି କାଉନସେଲିଂ

ନିଟ୍ ୟୁଜି-୨୦୨୪ ପରୀକ୍ଷାର ପ୍ରଥମ ପର୍ଯ୍ୟାୟ କାଉନସେଲିଂ ଆସନ୍ତା ମାସ ୧୪ ତାରିଖରେ ଆରମ୍ଭ ହେବ । ରାଜ୍ୟସଭାରେ ଆଜି ଏ ସଂକ୍ରାନ୍ତ କେତେକ ପ୍ରଶ୍ନର ଉତ୍ତର ଦେଇ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କାଉନସେଲିଂ ୪ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ଆସନ୍ତା ପ୍ରଥମ ସପ୍ତାହରେ ଏଥିପାଇଁ ପଞ୍ଜୀକରଣ ଆରମ୍ଭ ହେବ । ମନ୍ତ୍ରୀ କହିଛନ୍ତି, ୨୩ ତାରିଖ ସୁଦ୍ଧା ପ୍ରଥମ ପର୍ଯ୍ୟାୟ କାଉନସେଲିଂ ଶେଷ ହେବ ।

ଅନ୍ୟପକ୍ଷରେ ମେଡିକାଲ କାଉନସେଲିଂ କମିଟି ଦେଇଥିବା ସୂଚନା ଅନୁଯାୟୀ, କାଉନସେଲିଂ ସଂକ୍ରାନ୍ତ ସମସ୍ତ ବିବରଣୀ ଏମ୍‌ସିସି ୱେବସାଇଟ୍ mcc.nic.in ରେ ଉପଲବ୍ଧ ଅଛି ।

***Desk***

## ଆତ୍ମନିର୍ଭର ଅଭିଯାନ

ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ୨୭ଟି ରାଜ୍ୟ ଉତ୍ପାଦନ ସଂଶ୍ଲିଷ୍ଟ ପ୍ରୋତ୍ସାହନ ରାଶିର ସୁଫଳ ପାଇଛନ୍ତି ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ

ପୀୟୁଷ ଗୋଏଲ କହିଛନ୍ତି। ଲୋକସଭାରେ ଆଜି ଏ ସଂକ୍ରାନ୍ତ କେତେକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ଏବେ ଏସି ପ୍ରସ୍ତୁତିର ୬୫ ପ୍ରତିଶତ ଉତ୍ପାଦ ଭାରତରେ ପ୍ରସ୍ତୁତ କରାଯାଉଛି। ଏହି ଯୋଜନା ଅଧୀନରେ ପ୍ରଦାନ କରାଯାଉଥିବା ସବ୍‌ସିଡି ଯୋଗୁଁ ଏହି ସଫଳତା ମିଳିଛି ବୋଲି ସେ କହିଛନ୍ତି।

***Desk***

## ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାଲିଥିବା ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଗତକାଲି ଶେଷ ହୋଇଛି। ଜାତୀୟ ଶିକ୍ଷାନୀତି-୨୦୨୦ର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ବ୍ୟକ୍ତିତ୍ୱ ବିକାଶର ପ୍ରାଥମିକତା ସ୍ୱରୂପ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନୂତନ ଶୈକ୍ଷିକ ପ୍ରଣାଳୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବା ଲକ୍ଷ୍ୟ ନେଇ ଏହି ସପ୍ତାହ ପାଳିତ ହୋଇଥିଲା। ଶିକ୍ଷା ସପ୍ତାହର ଗତକାଲି ଶେଷ ଦିନରେ ଗୋଷ୍ଠୀ ସମ୍ପୃକ୍ତି ଦିବସ ପାଳନ କରାଯାଇଛି।

***Keonjhar***

## ୩ ମୃତ

କେନ୍ଦୁଝର ଜିଲ୍ଲା ଶୋଷୋ ଥାନା ଅନ୍ତର୍ଗତ ଆତୁରିକଣା ଗାଁରେ ଏକ ପୋଖରୀରେ ବୁଡ଼ି ୩ ଜଣ ଶିଶୁଙ୍କର ମୃତ୍ୟୁ ହୋଇଛି। ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ଖେଳୁଥିବା ଏହି ପିଲାମାନେ ପୋଖରୀକୁ ଧୁଆଧୁଇ ହେବାକୁ

ଯାଇ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଛି। ତେବେ ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

***Keonjhar***

## ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ କେନ୍ଦୁଝର ଠାରେ ଶିଶୁ ଅପରାଧର ନ୍ୟାୟିକ ଆଇନ ଓ ଶିଶୁଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ଅଧିକାର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅଶୋକ କୁମାର ପଣ୍ଡାଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଏ ସଂକ୍ରାନ୍ତରେ ଆଇନ ଏବଂ ଶିକ୍ଷା ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ।

***Ganjam***

## ଜନଶୁଣାଣି

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଗତକାଲି ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ୧୧୯ଟି ଅଭିଯୋଗର ଶୁଣାଣି ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନକାର୍ଡ, ମନରେଗା ଏବଂ ମଧୁବାବୁ ପେନସନ୍ ଯୋଜନା ଉପରେ ଅଧିକ ଅଭିଯୋଗ ହସ୍ତଗତ ହୋଇଥିଲା। ଏହି ଅବସରରେ ୫ ଜଣ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ

ଏବଂ ୧୯ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଜିଲ୍ଲା ଏବଂ ପୁଲିସର ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

***Ganjam***

## ହଇଜା ଜନସଚେତନତା

ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକର କେତେକ ଗ୍ରାମରେ ହଇଜା ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତିଦିନ ୨୦ରୁ ୨୫ ଆକ୍ରାନ୍ତ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଛନ୍ତି। ଜିଲ୍ଲା ହଇଜା ଟିମ୍ ପକ୍ଷରୁ ବ୍ଲକର ହଇଜା ଆକ୍ରାନ୍ତ  ଗୋବିନ୍ଦପୁର, ବି.ଚିକିଲି, ମହୁପଦର ଆଦି ଗ୍ରାମର ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମହୁପଦର ଗ୍ରାମର ଗୋଟିଏ ପରିବାରର ୬ ଜଣ ସଦସ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଜିଲ୍ଲା ହଇଜା ଟିମ୍‌ର ପ୍ରାଥମିକ ଆକଳନ ଅନୁଯାୟୀ ଦୂଷିତ ପାଣି ବ୍ୟବହାର ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ହଇଜା ସ୍ଥିତିକୁ ନିୟନ୍ତ୍ରଣ ଏବଂ ସଂକ୍ରମଣ ରୋକିବା ପାଇଁ ଏକ କମିଟି ଗଠନ କରାଯାଇଛି ବୋଲି ଜିଲ୍ଲା ଚିକିତ୍ସା ବିଭାଗ ସୂଚନା ଦେଇଛି। ଏହି କମିଟି ଘରକୁ ଘର ବୁଲି ସର୍ଭେ କରିବା ସହ ଆକ୍ରାନ୍ତଙ୍କ ଚିକିତ୍ସା ଏବଂ ହଇଜା ପ୍ରତିହତ ଲାଗି ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ଜନସଚେତନତା ବୃଦ୍ଧି କରାଇବେ।

*Koraput*

## ହଇଜାରେ ୯ଜଣ ଆକ୍ରାନ୍ତ

କୋରାପୁଟ ଜିଲ୍ଲା ଲମତାପୁଟ୍ ବ୍ଲକ ଉମ୍ପେଲ ପଞ୍ଚାୟତର ମେଡ଼ିପୁଟ ଗ୍ରାମରେ ମଧ୍ୟ ହଇଜାରେ ଆକ୍ରାନ୍ତ ହୋଇ ୯ ଜଣ ଚିକିତ୍ସିତ ହେଉଛନ୍ତି । ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବନମାଳୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ଚିକିତ୍ସା କରାଯାଇଛି । ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । କୋରାପୁଟରେ ଏକ ଡାକ୍ତରୀ ଦଳ ପ୍ରଭାବିତ ଅଞ୍ଚଳ ଗସ୍ତ କରି ଲୋକଙ୍କୁ ଚିକିତ୍ସା ଯୋଗାଇ ଦେଉଛନ୍ତି ।

*Nabarangpur*

## କୌଶଳ ରଥ

ଛାତ୍ରଛାତ୍ରୀଙ୍କର କୌଶଳ ଭିତ୍ତିକ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ କୌଶଳ ରଥ ଅଭିଯାନ ଚାଲୁରହିଛି । ନବରଙ୍ଗପୁର ଜିଲ୍ଲାରେ ଆସନ୍ତା ୪ରୁ ୭ ତାରିଖ ପର୍ଯ୍ୟନ୍ତ କୌଶଳ ରଥ ପରିକ୍ରମା କରିବାର କାର୍ଯ୍ୟସୂଚୀ ରହିଛି । ଏ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର କହିଛନ୍ତି, ଏଥିପାଇଁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ

କାର୍ଯ୍ୟାଳୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏ ନେଇ ଏକ ବୈଠକ ମଧ୍ୟ ଆଜି ଅନୁଷ୍ଠିତ ହୋଇଛି।

*Angul*

# କୌଶଳ ରଥ

ଅନୁଗୁଳ ଜିଲ୍ଲା ତାଳଚେରସ୍ଥିତ ସରକାରୀ ଆଇ.ଟି.ଆଇ. ପରିସରରେ କୌଶଳ ରଥର ଶୁଭାରମ୍ଭ ହୋଇଛି । ଏହି ରଥରେ  ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶନ କରାଯିବା ସହ ଛାତ୍ରଛାତ୍ରୀମାନଙ୍କୁ କୌଶଳ ସଂପର୍କରେ ସୂଚନା ପ୍ରଦାନ କରାଯାଉଛି ।

*HS*

# ପାଣିପାଗ

ରାଜ୍ୟରେ ମୌସୁମୀ ସକ୍ରିୟ ରହିଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ଆଗାମୀ ୨୪ ଘଣ୍ଟରେ ଭୀଷଣ ବର୍ଷା ନେଇ ୧୯ଟି ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏହି ଜିଲ୍ଲାଗୁଡ଼ିକ ହେଉଛି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, ଅନୁଗୁଳ,

ଦେବଗଡ଼ ଓ ସୁନ୍ଦରଗଡ଼। ଏହି ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେଥିମଧ୍ୟରୁ ଅନୁଗୁଳ, ଢେଙ୍କାନାଳ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର ଏବଂ କେନ୍ଦୁଝରରେ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି।

*******************************